





# ମଲାଇକାଙ୍କ ଜଂଘରେ ବଡ଼ କଳା ଦାଗକୁ ନେଇ ପ୍ରଶ୍ନ

ଯେତେବେଳେ ବି ଅଭିନେତ୍ରୀ ମଲାଇକା ଆରୋରା କ୍ୟାମେରା ସାମ୍ନାକୁ ଆସନ୍ତି, ସେ ସବୁବେଳେ ହେଡଲାଇନରେ ରହନ୍ତି। ଯେତେବେଳେ ବି ମଲାଇକା ଆରୋରା ବ୍ୟାୟାମ ପାଇଁ ବାହାରକୁ ଯାଆନ୍ତି, ସେତେବେଳେ ତାଙ୍କର ଲୁକ୍ ସୋସିଆଲ ମିଡିଆରେ ଲୋକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଥାଏ। ନିକଟରେ ଯେତେବେଳେ ମଲାଇକାଙ୍କର ଏକ ଭିଡିଓ ସାମ୍ନାକୁ ଆସିଲା ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ବାସ୍ତବରେ, ଜିମ୍ ଯାଉଥିବା ବେଳେ ମଲାଇକାଙ୍କ ଜଙ୍ଘରେ ଏକ ବଡ଼ କଳା ଚିହ୍ନ ଦେଖିବାକୁ ମିଳିଥିଲା। ତାଙ୍କୁ ଦେଖି ଲୋକମାନେ ତାଙ୍କ ପାଦରେ କ'ଣ ହେଲା ବୋଲି ଚିନ୍ତିତ ହୋଇଗଲେ। ବର୍ତ୍ତମାନ ତାଙ୍କ ପାଦରେ ସେହି କଳା ଚିହ୍ନ କାହିଁକି ଦେଖାଯାଉଛି ବୋଲି ମଲାଇକା ସ୍ପଷ୍ଟ କରିଛନ୍ତି। ଅବଶ୍ୟ, ଏହି ସମୟ ମଧ୍ୟରେ ମଧ୍ୟ କିଛି ଲୋକ ପ୍ରଶ୍ନ କରିଥିଲେ ଯେ ଏହା ଆଘାତ ଚିହ୍ନ କି ଏବଂ ମଲାଇକା କିପରି ଏହି ଆଘାତ ପାଇଛନ୍ତି ? କେହି କେହି ପଚାରୁଥିଲେ କାହିଁକି ମଲାଇକା ସମସ୍ତଙ୍କୁ ଏହି ମାର୍କ ଦେଖାଉଛନ୍ତି, ସେ ସେମାନଙ୍କୁ ଘୋଡାଇ ରଖିବା ଉଚିତ୍। ବର୍ତ୍ତମାନ ମଲାଇକା ମଧ୍ୟ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି। ବମ୍ବେ ଟାଇମ୍ସ ଫ୍ୟାସନ ସପ୍ତାହରେ ଏକ ବାର୍ତ୍ତାଳାପରେ ମଲାଇକା କହିଥିଲେ ଯେ ଏଥିରେ ଲୁଚାଇବାକୁ କ'ଣ ଅଛି ? ମଲାଇକା ଆହୁରି ମଧ୍ୟ କହିଛନ୍ତି, ''ମୁଁ ଏପରି କିଛି ପିନ୍ଧି ପାରିବି ନାହିଁ ଯାହା ଏହି ଆଘାତକୁ ଆହୁରି ବଢ଼ାଇବ। ତେଣୁ ମୋତେ ଏହାକୁ ଖୋଲା ଛାଡିବାକୁ ପଡୁଛି। ଲୋକମାନେ ପଡନ୍ତି, ତୁମେ ନିଜକୁ ଆଘାତ କର ତାପରେ ତୁମେ ନିଜକୁ ଉଠାଇ ଆଗକୁ ବି ବଢ଼। କେହି କେହି ଦାଗ ଛାଡିଦିଅନ୍ତି ଏବଂ କେହି ଛାଡନ୍ତି ନାହିଁ, କିନ୍ତୁ ତାହା ଜୀବନ।'' ମଲାଇକା ନିକଟରେ ତାଙ୍କର ୪୮ତମ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ, ମଲାଇକା ତାଙ୍କ ଗାର୍ଲସ ଗ୍ୟାଙ୍ଗ ସହିତ ଦୁବାଇରେ ପହଂଚି ତାଙ୍କ ଜନ୍ମଦିନକୁ ବହୁତ ଉପଭୋଗ କରିଥିଲେ।

# ପୁଣି ଚର୍ଚ୍ଚାରେ ସାମନ୍ଥାଙ୍କ ଟାଟୁ

ଚାରି ବର୍ଷର ବୈବାହିକ ଜୀବନ ପରେ ଲୋକପ୍ରିୟ ଦକ୍ଷିଣ ଭାରତୀୟ ଦମ୍ପତି ଅଭିନେତ୍ରୀ ସାମନ୍ଥା ଓ ନାଗା ଚୈତନ୍ୟ ପରସ୍ପରକୁ ଛାଡ଼ପତ୍ର ଦେଉଥିବା ଖବର ଅକ୍ଟୋବର ୨, ୨୦୨୧ରେ ସାମାଜିକ ଗଣମାଧ୍ୟମରେ ଘୋଷଣା କରିଥିଲେ। ଏହି ଘୋଷଣା ଉଭୟଙ୍କ ପ୍ରଶଂସକଙ୍କ ହୃଦୟ ଭାଙ୍ଗି ଦେଇଥିଲା। କିଛି ଦିନ ତଳେ ନାଗା ସାମନ୍ଥାଙ୍କ ପୋଷା କୁକୁର ହ୍ୟାସ୍ ସହ ନଜର ଆସିବାରୁ ଦୁହେଁ ପୁଣି ଥରେ ଏକାଠି ହେବେ ବୋଲି ଚର୍ଚ୍ଚା ହୋଇଥିଲା। ହେଲେ ପରେ ସାମନ୍ଥାଙ୍କ ଏକ ଫଟୋ ଏସବୁ ଚର୍ଚ୍ଚା ଉପରେ ବିରାମ ଲଗାଇଥିଲେ। ସୂଚନା ମୁତାବକ, ବିବାହ ପରେ ସାମନ୍ଥା ନିଜ ପଞ୍ଜରା ହାଡରେ ସ୍ୱାମୀଙ୍କ ନାମ ଟାଟୁ କରିଥିଲେ। ଛାଡ଼ପତ୍ର ପରେ ବି ତାଙ୍କ ଶରୀରରେ ସେହି ଟାଟୁ ରହିଥିଲା। ହେଲେ କିଛି ଦିନ ତଳେ ସେ ସେୟାର କରିଥିବା ଫଟୋରେ ସାମନ୍ଥାଙ୍କ ପଞ୍ଜରା ହାଡରେ ଟାଟୁ ନଥିବା ଦେଖିବାକୁ ମିଳିଥିଲା। ଏହା ଦେଖିବା ପରେ ଅଭିନେତ୍ରୀ ସମ୍ପୂର୍ଣ୍ଣ ଭାବେ ସ୍ୱାମୀଙ୍କୁ ଭୁଲି ସାରିଥିବା ସ୍ପଷ୍ଟ ହୋଇଥିଲା। କିନ୍ତୁ ଏବେ ସାମନ୍ଥା ଯେଉଁ ଫଟୋ ସେୟାର କରିଛନ୍ତି, ସେଥିରେ ତାଙ୍କ ପଞ୍ଜରା ହାଡ଼ରେ ଟାଟୁ ଥିବା ଦେଖିବାକୁ ମିଳିଛି। ଏହି ଫଟୋ ସେୟାର କରି ସାମନ୍ଥା ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଫଟୋ ଦେଖି ସ୍ୱାମୀଙ୍କ ସହ ତାଙ୍କର ଏବେ ସମ୍ପର୍କ କିଭଳି ରହିଛି, ସେ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ତାଙ୍କର ପ୍ରଶଂସକ।



# ସୁପରଷ୍ଟାର ପ୍ରଭାସ



ସାଉଥ ଫିଲ୍ମ ସହ ବଲିଉଡ୍ ଫିଲ୍ମ କରି ସୁପରଷ୍ଟାର ପ୍ରଭାସ ନିଜ ଅଭିନୟର ଦକ୍ଷତା ପ୍ରମାଣ କରିଛନ୍ତି। ଆଦିପୁରୁଷ ଅଭିନେତା ପ୍ରଭାସ ବର୍ତ୍ତମାନ 'ପ୍ରୋଜେକ୍ଟ କେ', 'ସାଲାର ପାର୍ଟ ୧ : ସିଜଫାୟାର', 'ରାଜା ଡିଲକ୍ସ' ଏବଂ 'ସ୍ପିରିଟ' ଭଳି ଅନେକ ଚଳଚ୍ଚିତ୍ରରେ ବ୍ୟସ୍ତ ଅଛନ୍ତି। ଏସବୁ ମଧ୍ୟରେ ସମୟ ବାହାର କରି ଅଭିନେତା ତାଙ୍କର ଆଣ୍ଠୁର ସର୍ଜରୀ କରାଇଥିବା ଜଣାପଡ଼ିଛି। କିଛି ବର୍ଷ ତଳେ ତାଙ୍କର ଆଣ୍ଠୁ ସମସ୍ୟା ବାହାରିଥିବା ବେଳେ ଲଗାତାର କାମ କରୁଥିବାରୁ ତାଙ୍କର ସମସ୍ୟା ଆହୁରି ବଢ଼ିଥିଲା। ଏହାର ଚିକିତ୍ସା ପାଇଁ ନିକଟରେ ପ୍ରଭାସ ତାଙ୍କର ଆଣ୍ଠୁ ସର୍ଜରୀ କରାଇଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ସେ ୟୁରୋପ ଯାଇଥିବା ବେଳେ ସେଠାରେ ତାଙ୍କର ସର୍ଜରୀ କରାଯାଇଥିଲା। ଏବେ ଏକ ସଫଳ ଅସ୍ତ୍ରୋପଚାର ପରେ ପ୍ରଭାସ ଭାରତ ଫେରିଛନ୍ତି। ପ୍ରଭାସଙ୍କର କିଛି ଫଟୋ ସାମ୍ନାକୁ ଆସିଛି, ଯେଉଁଥିରେ ସେ ବିମାନବନ୍ଦରରୁ ବାହାରି ଘର ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଛି। ଏହି ସମୟରେ ସେ କଳାରଙ୍ଗର ପୋଷାକ ପିନ୍ଧିଥିବା ବେଳେ ମୁହଁରେ ମାସ୍କ ପିନ୍ଧିଥିବାର ନଜର ଆସିଛନ୍ତି। ପ୍ରଭାସଙ୍କ ପେସାଦାର ଜୀବନ ବିଷୟରେ କହିବାକୁ ଗଲେ ସେ ବର୍ତ୍ତମାନ 'ସାଲାର' ରିଲିଜକୁ ଅପେକ୍ଷା କରିଛନ୍ତି। ପ୍ରଭାସଙ୍କ କ୍ୟାରିୟର ପାଇଁ ଏହି ଚଳଚ୍ଚିତ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ, ଅଭିନେତାଙ୍କ ପୂର୍ବ ଚଳଚ୍ଚିତ୍ର 'ଆଦିପୁରୁଷ' ବକ୍ସ ଅଫିସରେ ଆଶା ଅନୁଯାୟୀ ଆୟ କରିନଥିଲା। ଏବେ 'ସାଲାର'କୁ ନେଇ ଆଶାବାଦୀ ଅଛନ୍ତି ପ୍ରଭାସ।

# ଆଦିଲଙ୍କ ସହ ରୋମାଂଟିକ୍ ହେଲେ ଶର୍ଲିନ୍

ଭାଇ ବୋଲି କହି ରାଖି ବାନ୍ଧିଥିଲେ, ଏବେ ଆଦିଲଙ୍କ ସହ ରୋମାଂଟିକ୍ ହେଲେ ଶର୍ଲିନ୍ ଚୋପ୍ରା। ପୂର୍ବ ସ୍ୱାମୀ ଆଦିଲ ଖାନ ଦୁରାନୀଙ୍କ ସହ ବିବାଦ ମଧ୍ୟରେ ଶତ୍ରୁ ଶର୍ଲିନ୍ ଚୋପ୍ରାଙ୍କ ସହ ବନ୍ଧୁତା କରିଥିଲେ ବଲିଉଡ ଅଭିନେତ୍ରୀ ରାଖି ସାୱନ୍ତ। ଏମିତି କି ଶର୍ଲିନ, ରାଖିଙ୍କୁ ନିଜ ଭଉଣୀ କହିଥିଲେ। ପରେ ରାଖିଙ୍କ ସହ ଶତ୍ରୁତା କରି ଆଦିଲ ଜେଲରୁ ବାହାରକୁ ଆସିବାରୁ ଶର୍ଲିନ୍ ତାଙ୍କୁ ସମର୍ଥନ କରି ଭାଇ ବୋଲି କହିଥିଲେ। ଏହା ସହ ସେ ତାଙ୍କ ହାତରେ ରାଖି ମଧ୍ୟ ବାନ୍ଧିଥିଲେ। କିନ୍ତୁ ଭାଇ ବୋଲି କହିବା ପରେ ଏବେ ଆଦିଲଙ୍କ ସହ ଶର୍ଲିନ୍ ରୋମାଂଟିକ ହେବା, କାହାକୁ ବି ପସନ୍ଦ ଆସିନାହିଁ। ଦୁହିଁଙ୍କର ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଶର୍ଲିନ ଆଦିଲଙ୍କୁ ନିଜ ଆଡକୁ ଟାଣୁଥିବା ଦେଖାଯାଇଛି। ଏହି ସମୟରେ ଦୁହେଁ ପରସ୍ପର ସହ ରୋମାଂଟିକ ହେଉଛନ୍ତି। ଏହା ପରେ ଆଦିଲ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଶ୍ନ କରୁଛନ୍ତି ଯେ, ଆମେ ସାଥିରେ ଭଲ ଦିଶୁଛୁ କି ? ଏହା ଶୁଣି ଶର୍ଲିନ୍ ହସିବା ଆରମ୍ଭ କରୁଛନ୍ତି। ତା' ପରେ କହୁଛନ୍ତି, ସେଭଳି କିଛି ନାହିଁ। ଆମେ ଭାଇ-ଭଉଣୀ। ହେଲେ ତାଙ୍କ ଅଙ୍ଗଭଙ୍ଗୀ କିଛି ଅଲଗା ସଙ୍କେତ ଦେଉଥିବା ଲୋକେ କହିବା ଆରମ୍ଭ କରିଛନ୍ତି।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୦୧**

# କେବଳ ଶୁଦ୍ଧ ଭକ୍ତି ଦ୍ୱାରା ଭଗବାନ ସନ୍ତୁଷ୍ଟ ହଅନ୍ତି

**କିଶୋର କୁମାର ଜେନା**

କାଳ ହେଉଚି ଈଶ୍ୱରଙ୍କ ମୂର୍ତି । ଏହି କାଳବଶତଃ ବୃକ୍ଷରେ ଯେପରି ଫଳ ଜନ୍ମେ, ରହେ, ବଢ଼େ, ପାଚେ, ଶୁଖିଯାଏ ଓ ଝଡ଼ିପଡ଼େ, ସେହିପରି ଶରୀରରେ ମଧ୍ୟ ଛ'ଟି ଅବସ୍ଥା ଦେଖାଯାଏ । ଯଥା ଜନ୍ମ, ସ୍ଥିତି, ବୃଦ୍ଧି, ପରିଣତି, କ୍ଷୟ ଓ ବିନାଶ । ଆତ୍ମା ସହିତ ଏହାର କୌଣସି ସମ୍ପର୍କ ନଥାଏ । ଆତ୍ମା ନିତ୍ୟ, ଅବିବାଶୀ, ଶୁଦ୍ଧ, ଅଦ୍ୱିତୀୟ ସମସ୍ତ ବସ୍ତୁର ଜ୍ଞାତା ଓ ଆଶ୍ରୟ, ନିର୍ବିକାର, ସ୍ୱୟଂ ପ୍ରକାଶ, ସବୁର କାରଣ, ବ୍ୟାପକ, ଅନାସକ୍ତ ଓ ଆବରଣ ରହିତ । ବିଦ୍ୱାନ ବ୍ୟକ୍ତି ଆତ୍ମାର ଏହି ଦ୍ୱାଦଶ ଲକ୍ଷଣକୁ ଜାଣି 'ମୁଁ ଏବଂ ମୋର' ବୋଲି ଯେଉଁ ମୋହବୁଦ୍ଧି ଜାତ ହେଉଛି, ତାହା ପରିତ୍ୟାଗ କରିବା ଉଚିତ । ସୁନାଖଣିରୁ ବାହାରିଥିବା ପଥରରୁ ଚକ ଚକ କରୁଥିବା ସୁନାକୁ ଅଭିଜ୍ଞ ସୁନାରି ଯେପରି ଯନ୍ତ୍ର ସାହାଯ୍ୟରେ ବାହାର କରିଆଣେ, ସେହିପରି ଅଧ୍ୟାତ୍ମ ତତ୍ୱ ଜାଣିଥିବା ପୁରୁଷ ଆତ୍ମପ୍ରାପ୍ତି ପାଇଁ ଯୋଗସାଧନା ଦ୍ୱାରା ଶରୀରରୂପ କ୍ଷେତ୍ରରେ ବ୍ରହ୍ମଗତି ଲାଭ କରେ ।

ଆଚାର୍ଯ୍ୟଗଣ, ଅଷ୍ଟପ୍ରକୃତି (ମୂଳ ପ୍ରକୃତି, ପଂଚତନ୍ମାତ୍ର, ମହତ୍ୱ ଓ ଅହଙ୍କାର), ତିନିଗୁଣ (ସତ୍ୱ, ରଜ ଓ ତମ) ଓ ତାର ଷୋଳ ବିକାର (ପଂଚ କର୍ମେନ୍ଦ୍ରିୟ, ପଂ ଜ୍ଞାନେନ୍ଦ୍ରିୟ, ପଂମହାଭୂତ ଏବଂ ମନ) ଏ ସବୁର ସାକ୍ଷୀରୂପେ ଏକ ପୁରୁଷଙ୍କୁ ନିରୂପଣ କରିଛନ୍ତି । ଏ ସମସ୍ତର ସମନ୍ୱୟରେ ଦେହ ହୋଇଛି । ଏହା ପୁଣି ଦୁଇ ପ୍ରକାର ସ୍ଥାବର ଓ ଜଙ୍ଗମ । ଏଥିରେ ଆତ୍ମା ଠାରୁ ଅଲଗା ସମସ୍ତ ବସ୍ତୁକୁ ଏହା ଆତ୍ମା ନୁହେଁ, ଏହା ଆତ୍ମା ନୁହେଁ ନେତି ନେତି ବୋଲି କହି ଅସଲ ଆତ୍ମାକୁ ଖୋଜି ବାହାର କରିବା ଆବଶ୍ୟକ ।

ମଣି ମାନଙ୍କ ମଧ୍ୟରେ ସୂତ୍ର ପ୍ରବେଶ କରି ବାହାରିଯିବା ପରି ପୁରୁଷ ବା ଆତ୍ମା ଦେହ ମଧ୍ୟରେ ପ୍ରବେଶ କରେ ଓ ବାହାରିଯାଏ । ସେହି ଶୁଦ୍ଧ ବିବେକବୁଦ୍ଧିରେ ସୃଷ୍ଟି ଓ ସଂହାର ବିଷୟ ଧୀର ଭାବରେ ବିଚାର କରିବା ଉଚିତ । ଗାଢ଼ ନିଦ୍ରା, ସ୍ୱପ୍ନ ଓ ଜାଗରଣ ଏ ତିନୋଟି ହେଉଛନ୍ତି ବୁଦ୍ଧିର ବତି । ଯାହାଙ୍କ ଦ୍ୱାରା ଏହା ଅନୁଭୂତ ହୁଏ, ସେ ହେଉଛନ୍ତି ଦେହାଦିର ସ୍ରଷ୍ଟା ପରମ ପୁରୁଷ, ପରମାତ୍ମା । ଜାଗରଣ, ସ୍ୱପ୍ନ ଏବଂ ସୁଷୁପ୍ତି ହେଉଛି ବୁଦ୍ଧିର ପରିଣତି । ଏହାର ଆତ୍ମାର ଧର୍ମ ନୁହେଁ । କର୍ମଜନିତ ହୋଇଥିବାରୁ ଏହା ତ୍ରିଗୁଣାତ୍ମକ । ଯେପରି କୌଣସି ଗନ୍ଧର ସ୍ପର୍ଶରେ ବାୟୁ ଗନ୍ଧଯୁକ୍ତ ହୁଏ, ସେହିପରି ନିର୍ଗୁଣ ବ୍ରହ୍ମ ବୁଦ୍ଧିଯୋଗରେ ଗୁଣଯୁକ୍ତ ବୋଲି ମନେ ହୁଏ । ଏହି ବୁଦ୍ଧି ହେଉଛି ଗୁଣ ଓ କର୍ମର ବନ୍ଧନରୂପ ସଂସାରର ଦ୍ୱାର । ଏହା ଅଜ୍ଞାନମୂଳକ ଓ ମିଥ୍ୟା ହେଲେ ମଧ୍ୟ ସ୍ୱପ୍ନ ପରି ଜୀବକୁ ପ୍ରତୀତ ହୋଇଥାଏ । ସେଥିପାଇଁ ତୁମ ମାନଙ୍କୁ ପ୍ରଥମେ ଏହି ଗୁଣମାନଙ୍କ ଯୋଗୁଁ ହେଉଥିବା କର୍ମର ବୀଜକୁ ନଷ୍ଟ କରି ଦେବାକୁ ହେବ । ଏହାଦ୍ୱାରା ବୁଦ୍ଧିର ବୃତିମାନଙ୍କର ପ୍ରବାହ ବନ୍ଦ ହୋଇଯିବ । ଅନ୍ୟ ଅର୍ଥରେ ଏହାକୁ ଯୋଗ କୁହାଯିବ । ଏହି ବୁଦ୍ଧିର ପ୍ରବାହ ବା ଜନ୍ମ ମରଣ ରୂପ ସଂସାରଚକ୍ରର ବୀଜ ବିନାଶ ପାଇଁ ସହସ୍ର ଉପାୟ ଶାସ୍ତ୍ରରେ କୁହାଯାଇଛି । ତାହା ମଧ୍ୟରୁ ମହର୍ଷି ନାରଦ ଭକ୍ତଯୋଗାତ୍ମକ ଏହି ଉପାୟକୁ ଶ୍ରେଷ୍ଠ ବୋଲି କହିଛନ୍ତି । କାରଣ ଭକ୍ତିଯୋଗ ଦ୍ୱାରା ଭଗବାନଙ୍କ ଠାରେ ନିଷ୍କାମ ପ୍ରେମ ଜାତ ହୁଏ । ଗୁରୁସେବା, ଭଗବତଭକ୍ତି, ସମସ୍ତ ଲବ୍ଧ ଦ୍ରବ୍ୟକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପଣ, ସାଧୁ ଭକ୍ତମାନଙ୍କର ସଙ୍ଗ, ଈଶ୍ୱରଙ୍କର ଆରାଧନା, ଶ୍ରଦ୍ଧାପୂର୍ବକ ଶ୍ରୀହରିଙ୍କ କଥା ଗୁଣ ଓ କର୍ମର ଶ୍ରବଣ କୀର୍ତନ, ଶ୍ରୀଗୋବିନ୍ଦଙ୍କ ପାଦପଦ୍ମର ଧ୍ୟାନ, ଶ୍ରୀହରିଙ୍କ ମର୍ତିର ଦର୍ଶନ ଓ ପୂଜନ, ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସର୍ବଶକ୍ତିମାନ ଭଗବାନ ଶ୍ରୀହରି ବିରାଜମାନ ବୋଲି ମନେ କରି ସମସ୍ତ ପ୍ରାଣୀଙ୍କୁ ସମ୍ମାନ ପ୍ରଦାନ ଏବଂ କାମ, କ୍ରୋଧ, ଲୋଭ, ମୋହ ମଦ ଓ ମାତ୍ସର୍ଯ୍ୟ ଇତ୍ୟାଦି ଏହି ଷଡ଼ରିପୁଙ୍କୁ ଜୟ କରି ଯେଉଁ ବ୍ୟକ୍ତି ଭଗବାନ ବାସୁଦେବଙ୍କୁ ଭକ୍ତି କରେ ସେ ଭଗବାନଙ୍କର ଅନନ୍ତ ପ୍ରେମ ଲାଭ କରିବା ପାଇଁ ସମର୍ଥ ହୁଏ ।

*ଆଇନଜୀବୀ, ବଙ୍ଗାଳିସାହି, କଟକ,*
*ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭*

# ସଂଯମତାର ସମୟ : ଚତୁର୍ମାସ୍ୟା

**ଡକ୍ଟର ସୁରେଶ କୁମାର ନାୟକ**

ଆମର ପ୍ରିୟ ଋଷି ମୁନିମାନେ ଜୀବନର ଉତ୍ଥାନ ନିମନ୍ତେ ଅଭିନବ ଜୀବନ ପଦ୍ଧତି ବିକଶିତ କରିଛନ୍ତି । ଋତୁ ଅନୁକୂଳ ବିଭିନ୍ନ ପର୍ବପର୍ବାଣୀର ବିଧି ନିର୍ମାଣ କରିଛନ୍ତି । ଚତର୍ମାସ୍ୟା ଏପରି ଏକ ବିଶେଷ ଅବସର, ଯାହାର ଶୁଭାରମ୍ଭ ଦେବଶୟନୀ ଏକାଦଶୀ (ଆଷାଢ଼ ଶୁକ୍ଳ ଏକାଦଶୀ) ଠାରୁ ହୋଇ ସମାପନ ଦେବୋତ୍‌ଥାପନ ଏକାଦଶୀ (କାର୍ତିକ ଶୁକ୍ଳ ଏକାଦଶୀ)ରେ ହୋଇଥାଏ । ବର୍ଷା କାଳର ଏହି ଚାରି ମାସ (ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଏବଂ କାର୍ତିକ)ର ଅବଧିରେ ଆମର ମନିଷିମାନେ ଆଧ୍ୟାତ୍ମିକ ଉତ୍ଥାନ ନିମନ୍ତେ ବିଶେଷ ସୁଯୋଗ ଆସିଥାଏ ବୋଲି ମାନ୍ୟତା ପ୍ରଦାନ କରିଅଛନ୍ତି । ଦେବଶୟନୀ ଏକାଦଶୀ ସହିତ ଏହି ବିଶେଷ ସାଧନା କାଳର ଶୁଭାରମ୍ଭ ପଛରେ ଧର୍ମଶାସ୍ତ୍ରରେ ଏକ ରୋଚକ କଥା ଉଲ୍ଲେଖ କରାଯାଇଛି । ଅସୁରରାଜ ବିରୋଚନର ପୁତ୍ର ଏବଂ ଭଗବାନ ବିଷ୍ଣୁଙ୍କ ପରମଭକ୍ତ ଅସୁରରାଜ ବଳି ଯୁଦ୍ଧରେ ଦେବରାଜ ଇନ୍ଦ୍ରଙ୍କୁ ପରାଜିତ କରି ସ୍ୱର୍ଗ ଅଧିକାର କରିନେଇଥିଲେ । ଏହି ବିଜୟ ପରେ ସେ ଅହଂକାରୀ ହୋଇ ଉଠିଲା । ମହାବିଜୟ ଉପଲକ୍ଷେ ବଳି ଏକ ଅଶ୍ୱମେଧ ଯଜ୍ଞ ଆୟୋଜନ କଲା । ଶ୍ରୀହରି ନିଜ ପ୍ରିୟ ଭକ୍ତର ଅହଂକାର ଦୂର କରିବା ଲାଗି ବାମନ ଅବତାର ନେଲେ ଏବଂଦାନ ସ୍ୱରୂପ ତିନିପାଦ ଭୂମି ବଳିକୁ ମାଗିଲେ । ବଳି ସଂକଳ୍ପ କଲାରୁ ଶ୍ରୀବାମନ ତିନି ପାଦରେ ସ୍ୱର୍ଗ, ମର୍ତ୍ୟ ଏବଂ ପାତାଳ ମାପିନେଲେ ଓ ବଳିକୁ ପାତାଳରେ ଚାପି ଦେଲେ । ଅନ୍ୟ ଏକ ବରଦାନ ସ୍ୱରୂପ ଶ୍ରୀହରି କଥାଦେଲେ ଯେ ସେ ବର୍ଷାକାଳ ଚାରି ମାସ ପାତାଳ ଲୋକରେ ରହିବେ । ଯେଉଁ ସମୟରେ ଶ୍ରୀବିଷ୍ଣୁ ଭକ୍ତ ବଳିର ପ୍ରାର୍ଥନା ସ୍ୱୀକାର କଲେ ତାହା ଥିଲା ଦେବଶୟନୀ ଏକାଦଶୀ ।

କୁହାଯାଏ ଯେ ସେବେ ଠାରୁ ଚତୁର୍ମାସ୍ୟା ଅବସରରେ ଶ୍ରୀହରି ଯୋଗନିଦ୍ରା ଯାଇଥାଆନ୍ତି । ଏହି ସମୟରେ ତାଙ୍କର ପୂଜା – ଆରାଧନା ସହିତ ସମ୍ପର୍କ ନଥାଏ । ଆଜି ଠାରୁ ଆରମ୍ଭ ହୋଇଥିବା ଚତୁର୍ମାସ୍ୟରେ ଶ୍ରୀହରିଙ୍କ ଶୟନ କାଳ ସମୟରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ନିଷିଦ୍ଧ ହୋଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଚାରି ମାସ ପର୍ଯ୍ୟନ୍ତ ସୃଷ୍ଟି ପରିଚାଳନାର ଅତିରିକ୍ତ ଦାୟିତ୍ୱ ଦେବାଦିଦେବ ମହାଦେବ ତୁଲାଇଥାଆନ୍ତି । ପ୍ରାଚୀନ କାଳରେ ସାଧକ ଏହି ଚାରି ମାସ ଗୋଟିଏ ସ୍ଥାନରେ ରହି ସାଧନା କରୁଥିଲେ । କିଛି ଲୋକ ଆଜି ମଧ୍ୟ ଏହି ପରମ୍ପରାର ପାଳନ କରିଥାଆନ୍ତି । କୃଷକମାନଙ୍କୁ ପୃଥିବୀର ପାଳନକର୍ତା କୁହାଯାଏ । କାରଣ ଅନ୍ନ କୃଷକମାନେ ଉତ୍ପନ୍ନ କରିଥାନ୍ତି । ଋଷିମୁନିଗଣ ବର୍ଷା ଋତୁ ଚାରିମାସ କୃଷକମାନଙ୍କର କୃଷି କାର୍ଯ୍ୟରେ ଲିପ୍ତ ରହିବାର ଆତ୍ମିକ ପ୍ରଗତି କାଳ ଭାବେ ଅଭିହିତ କରି ବେଦ, ପୁରାଣ ଆଦି ଧର୍ମଗ୍ରନ୍ଥରେ ଅଧ୍ୟୟନ, ସ୍ମରଣର ପରମ୍ପରା ଆରମ୍ଭ କରିଛନ୍ତି । ଚତୁର୍ମାସ୍ୟା ସମୟରେ ଶରୀର ତଥା ମନକୁ ସଶକ୍ତ କରିବା ଲାଗି କେତେ କ୍ରିୟା ବିଷୟରେ କୁହାଯାଇଛି । ଅଧିକ ଆର୍ଦ୍ର ବାତାବରଣରେ ଆମର ପାଚନ କ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ । ଏହି କାରଣରୁ ଆମର ଋଷି ମୁନିମାନେ ଚାରି ମାସ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସାଦା, ତଟକା ଏବଂ ସୁପାଚ୍ୟ ଭୋଜନ ଗ୍ରହଣ କରିବା ଲାଗି ନିୟମ ଉପନିୟମ ନିର୍ଦ୍ଧାରଣ କରିଛନ୍ତି । ଯାହା ବର୍ତମାନ ସମୟରେ ମଧ୍ୟ ବେଶ ଉପଯୋଗୀ । ବର୍ଷାକାଳରେ ମାଂସାହାର, ପତ୍ରଯୁକ୍ତ ଶାଗ ଏବଂ ଦହି ସେବନ ପାଇଁ ବାରଣ କରାଯାଇଛି । ଜୈନ ଧର୍ମରେ ମଧ୍ୟ ଚତୁର୍ମାସ୍ୟାର ମହତ୍ୱକୁ ସ୍ୱୀକାର କରାଯାଇଛି । ଭଗବାନ ନେମିନାଥ କହିଛନ୍ତିଯେ ଏହି ସମୟରେ ପୃଥିବୀରେ ଅସଂଖ୍ୟ ଜୀବ ଉତ୍ପନ୍ନ ହୋଇଥାନ୍ତି । ସେହି ଜୀବନମାନଙ୍କୁ ରକ୍ଷା କରିବା ଲାଗି ଜୈନ ଭିକ୍ଷୁମାନେ ଗୋଟିଏ ସ୍ଥାନରେ ରହି ଆରାଧନା କରିଥାନ୍ତି । ଚତୁର୍ମାସ୍ୟାରେ ଜୈନ ଧର୍ମର ପବିତ୍ର ପର୍ବ ପର୍ଯ୍ୟୁଷଣ ପାଳନ କରାଯାଇଥାଏ ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର-୯, ସିଡିଏ,*
*କଟକ, ମୋ: ୯୪୩୭୨୨୫୫୯୨*

# ଆଧାର ଏବେ ନିରାଧାର

ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କିଛି ମାସ ବାକି ଥିବାବେଳେ ଭୋଟର ତାଲିକା ଯାଂଚ ପାଇଁ ଭାରତର ନିର୍ବାଚନ କମିଶନଙ୍କ ସ୍ପେଶାଲ ଇଣ୍ଟେଂନସିଭ ରିଭିଜନ (ଏସଆଇଆର)କୁ ଅସାମ୍ବିଧାନିକ ଓ ବେଆଇନ ଦର୍ଶାଇ ବିରୋଧି ଦଳ ଓ କେତେକ ସଂଗଠନ ପକ୍ଷରୁ ଦାୟର ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ ଅଗଷ୍ଟ ପହିଲାରୁ ଜାରି ହେଉଥିବା ଚିଠା ପ୍ରସ୍ତାବ ଉପରେ ରହିତାଦେଶ ଦେବାକୁ ମନା କରିଥିବା ସତ୍ତ୍ୱେ ଜାଲିଆତି ରୋକିବାରେ 'ଆଧାର' ଏବଂ 'ଭୋଟର ପରିଚୟ ପତ୍ର' ସମର୍ଥ ନଥିବା ନେଇ ଇସି କରିଥିବା ଯୁକ୍ତିକୁ ଅଗ୍ରାହ୍ୟ କରିଦେବା ସହ ଦ୍ୱିତୀୟ ଥର ପାଇଁ ଏହି ଦୁଇଟି ଦସ୍ତାବିଜକୁ ପରିଚୟ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ ମଧ୍ୟ ଚେତାବନୀ ଦେଇ କହିଛନ୍ତି ଯେ, ଏସଆଇଆର'ର ଅନିୟମିତତା ଅଭିଯୋଗ ପରିପ୍ରେକ୍ଷୀରେ ସମସ୍ତ ପ୍ରକ୍ରୀୟାକୁ ରଦ୍ଦ କରିବା ଲାଗି ପଦକ୍ଷେପ ନେବାକୁ ଖଣ୍ଡପୀଠ କୁଣ୍ଠାବୋଧ କରିବେ ନାହିଁ । ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଯେକୌଣସି ଦସ୍ତାବିଜ୍‌ରେ ଜାଲିଆତି ହୋଇପାରେ ଏବଂ ସେଥିଲାଗି ସମସ୍ତଙ୍କୁ ବାଦ ଦେବା ଭଳି ବ୍ୟବସ୍ଥା କରାଯିବା ଉଚିତ ନୁହେଁ । ଖୋଦ୍ ନିର୍ବାଚନ କମିଶନ ଜାରୀ କରିଥିବା ଭୋଟର ପରିଚୟ'କୁ ସକ୍ରିୟ ପରିଚୟ ପ୍ରମାଣ ଭାବେ ନକରିବା ନିଷ୍ପତିରେ ବିସ୍ମୟ ପ୍ରକାଶ କରିଛନ୍ତି । ଯାହାକି ସ୍ୱାଭାବିକ । ସର୍ବୋଚ୍ଚ ଅଦାଲ ଆହୁରି ଦର୍ଶାଇଛନ୍ତି ଯେ, ପ୍ରତ୍ୟେକ ନାଗରୀକଙ୍କୁ ଭୋଟର ତାଲିକାରେ ଅର୍ନ୍ତଭୁକ୍ତ କରିବା ପ୍ରାଥମିକତା ହେବା ଉଚିତ୍ । ଏହା ନିସନ୍ଦେହ ଯେ, ସୁପ୍ରିମକୋର୍ଟଙ୍କ ସତର୍କବାଣୀ ଅକାରଣୀୟ ନୁହେଁ । ନିର୍ବାଚନ କମିଶନଙ୍କ ଏସଆଇଆର ବିରୁଦ୍ଧରେ ବହୁ ଅଭିଯୋଗ ରହିଛି, ଯାହାକି ଯଥାର୍ଥ ମନେହୁଏ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ବିଧାନସଭା ନିର୍ବାଚନ ମାତ୍ର କିଛି ସମୟ ବାକିଥିବା ବେଳେ ଯାଂଚ ପାଇଁ ସ୍ୱତନ୍ତ୍ର ଇଣ୍ଟେଂନସିଭ ରିଭିଜନ ପ୍ରକ୍ରୀୟା ଆରମ୍ଭ କରିବା । ଯାହା କମିଶନଙ୍କ ପ୍ରକ୍ରୀୟାଗତ ତୃଟିକୁ ଦର୍ଶାଉଛି ବୋଲି କୁହାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ, ମାସ ବ୍ୟାପୀ ଚାଲିଥିବା ସଂଶୋଧନ ପ୍ରକ୍ରୀୟା ଯାହାକି ଆଜି(ଗୁରୁବାର) ଶେଷ ହୋଇଛି, ଚିଠା ଭୋଟର ତାଲିକାରୁ ୬୮ ଲକ୍ଷରୁ ଅଧିକ ମତଦାତା ଭୋଟର ବାଦ୍ ପଡିବା ଆଶଙ୍କା ସୃଷ୍ଟି ହୋଇଛି । ୨୦୨୪ ସାଧାରଣ ନିର୍ବାଚନ ବେଳେ ବିହାରରେ ମୋଟ ଭୋଟଦାତାଙ୍କ ସଂଖ୍ୟା ୭କୋଟି ୯୦ଲକ୍ଷ ଥିବାବେଳେ ଚିଠା ତାଲିକାରେ ୭କୋଟି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

୨୩ଲକ୍ଷ ଭୋଟରଙ୍କ ନାମ ସ୍ଥାନ ପାଇଛି । ଆହୁରି ମଧ୍ୟ ବହୁ ଫର୍ମ ଯାଂଚ ବାକି ଥିବାବେଳେ ବହୁ ଫର୍ମ ଅସମ୍ପୂର୍ଣ୍ଣ ଥିବାରୁ ମୋଟ ଭୋଟଦାତାଙ୍କ ସଂଖ୍ୟା ଚିଠାତାଲିକା ଠାରୁ ହ୍ରାସ ପାଇବା ଆଶଙ୍କା ରହିଛି । ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର), ଯେ କି ଅଣ-ଲାଭଜନକ ସଂସ୍ଥାର ତଥ୍ୟ ଅନୁଯାୟୀ ଏହି ପ୍ରକ୍ରୀୟାରେ ରାଜ୍ୟରେ ୯୪ଲକ୍ଷ ଭୋଟଦାତାଙ୍କ ଭାଗ୍ୟ ଏବେ ବିପଦରେ ଏଡିଆର ତାର ପିଟିସନରେ ଉଲ୍ଲେଖ କରିଛି ଯେ, ଯାଂଚ ପ୍ରକ୍ରୀୟାରେ ନିୟୋଜିତ ଅଧିକାରୀମାନେ ଫର୍ମଗୁଡିକୁ ଯଥାରୀତି ଭାବେ ପୂରଣ ନକରିବା ଏବେ ବିନା ସ୍ୱାକ୍ଷରରେ ଅପଲୋଡ୍ ହେଉଛି । ଯାହାଦ୍ୱାରା ସେମାନେ ଭୋଟର ତାଲିକାରୁ ବାଦ ପଡିବା ଆଶଙ୍କାକୁ ଅଗ୍ରାହ୍ୟ କରାଯାଇନପାରେ । କହିବା ବାହୁଲ୍ୟ ଯେ, ଭୋଟର ତାଲିକାରୁ ବେଆଇନ ବିଦେଶୀ ନାଗରୀକମାନଙ୍କୁ ହଟାଇବା ଏସଆଇଆର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନିର୍ବାଚନ କମିଶନ ଦର୍ଶାଇଥିବା ସତ୍ତ୍ୱେ ବର୍ତମାନ ସୁଦ୍ଧା କେତେ ବିଦେଶୀଙ୍କୁ ଚିହ୍ନଟ କରାଗଲାଣି ସେ ନେଇ କମିଶନ ନୀରବ ତେବେ ଚିଠା ପ୍ରସ୍ତାବରୁ ବାଦ୍ ପଡିଥିବା ୬୫ଲକ୍ଷ ଭୋଟରଙ୍କ ମଧ୍ୟରୁ ଭୋଟଦାତାଙ୍କ ମୃତ୍ୟୁ, କେତେକ ସ୍ଥାୟୀ ଭାବେ ଅନ୍ୟତ୍ର ପଳାଇଥିବା, କେତେକଙ୍କ ନାମ ଅନ୍ୟ ସ୍ଥାନରେ ଥିବା ଏବଂ କେତେକଙ୍କ ପତା ମିଳୁନଥିବା ଆଦି ରହିଛି । କିନ୍ତୁ କେତେ ସଂଖ୍ୟକ ବିଦେଶୀ ନାଗରୀକ ଅଛନ୍ତି, ସେ ନେଇ କିଛି କୁହାଯାଇନାହିଁ । ଏହା ନିଶ୍ଚିତ ଯେ, ନିର୍ବାଚନ କମିଶନଙ୍କ ଏସଆଇଆର'ର ଲକ୍ଷ୍ୟକୁ ପ୍ରଶ୍ନ କରାଯାଇନପାରେ । ଏହା କମିଶନଙ୍କ ସାମ୍ବିଧାନିକ କ୍ଷମତା । ମାତ୍ର ଯେଉଁ ସମୟରେ ଏହା କରାଯାଉଛି ଏବଂ ପ୍ରମାଣପତ୍ରର ଦସ୍ତାବିଜକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି 'ଆଧାର'କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍କୁଲରେ ନାମଲେଖା ଠାରୁ ଆରମ୍ଭ କରି ନିଯୁକ୍ତି, ସାମାଜିକ ଭତା, ବ୍ୟାଙ୍କରେ ଖାତା ଖୋଲିବା, ପ୍ୟାନକାର୍ଡ ଆବେଦନ ଆଦି ବିଭିନ୍ନ କ୍ଷେତ୍ରରେ ବାଧ୍ୟତାମୂଳକ କରିଥିବାବେଳେ ଅତୀତରେ ଦେଶରେ ପଂଚାୟତ ଠାରୁ ଆରମ୍ଭ କରି ପାର୍ଲିଆମେଂଟ ପର୍ଯ୍ୟନ୍ତ ଯେତେସବୁ ନିର୍ବାଚନ ହୋଇଛି, ପରିଚୟ ପ୍ରମାଣପତ୍ର ଭାବେ ବ୍ୟବହାର ହୋଇଛି । ଏବେ ଆଧାର'ରେ କି ପ୍ରକାରର ତୃଟି, ଜାଲିଆତି ନିର୍ବାଚନ କମିଶନଙ୍କ ଦୃଷ୍ଟିଗୋଚର ହୋଇଛି ଯେ, ଯାଂଚ ପ୍ରକୀୟାରେ ଏହା ଗ୍ରହଣ କରିନାହାଁନ୍ତି ? ସୁପ୍ରିମକୋର୍ଟଙ୍କ ପରାମର୍ଶ ସତ୍ତ୍ୱେ ନିର୍ବାଚନ କମିଶନ ଅଗ୍ରାହ୍ୟ କରିଦେଇଛନ୍ତି । ଆଧାର'ରେ ଥିବା ତୃଟି, ଜାଲିଆତି ସମ୍ପର୍କରେ କମିଶନ ସାର୍ବଜନୀନ କରିବା ଉଚିତ । ଅତୀତରେ ସୁପ୍ରିମକୋର୍ଟ ଆଧାର' ବୈଧତାକୁ ଅସାମ୍ବିଧାନିକ ଘୋଷଣା କରିଥିବାବେଳେ ବର୍ତମାନର କେନ୍ଦ୍ର ସରକାର ପାର୍ଲିଆମେଂଟରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ଏହାକୁ ଏକ ପ୍ରମାଣ ପତ୍ର ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ । ଏବେ ଭାରତର ନିର୍ବାଚନ କମିଶନ ଆଧାରକୁ ନିରାଧାର କରିବାର ଉଦ୍ଦେଶ୍ୟ କ'ଣ ବୁଝାପଡୁ ନାହିଁ ।

ସମ୍ମାନ ଭବନ
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋବାଇଲ ନଂ-୭୯୭୮୬୬୬୪୦୩

# ବଜାର ଦର ଚଢ଼ା, ଚଷା ପୁଅ ପାଇଁ ନାହିଁ ପ୍ରୋତ୍ସାହନ

ମୌସୁମୀ ବର୍ଷା ଓଡ଼ିଶାକୁ ଭିଜାଇଲାଣି ତେବେ ଏ ସବୁ ଭିତରେ ଖାଉଟିମାନେ ବଜାରର ମହଙ୍ଗା ଚଡ଼କରେ ବିଲକୁଲ ଭିଜି ସାରିଲେଣି । ଚାଉଳ ଠାରୁ ଅଟା, ଡାଲି ଠାରୁ ଖାଇବା ତେଲ, ପନିପରିବା ଠାରୁ ଘରର ସମସ୍ତ ଖାଉଟି ଜିନିଷ ଆଶ୍ଚର୍ଯ୍ୟଜନକ ଭାବେ ରୀତିମତ ଚଢ଼ା । ମୌସୁମୀର ଆଗମନ ବିଳମ୍ବିତ ହେବା ସାଙ୍ଗକୁ ରବି ଫସଲ ଦରରେ ଏତେ ବେଶୀ ହେବ ବୋଲି କେହି ଭାବି ପାରିନଥିଲେ । ବଜାର ଦରକୁ ଟିକେ ନଜର ପକାନ୍ତୁ । ବାଇଗଣ, ଜହ୍ନ, ଟମାଟୋ, ଯାହାକୁ ବି ହାତ ମାରିବ କରେଂଟ ମାରିଲା ପରି ଦର । ସତୁରୀରୁ ଶହେ ଭିତରେ ସବୁ ମୂଲ୍ୟ । ଆଉ ଝୁଡ଼ଙ୍ଗ, ସଜନା ଛୁଇଁ ଆକାଶ ଛୁଆଁ ହେଲାଣି । ମଧ୍ୟବିତ ପରିବାର ବୋଲି ଯେଉଁମାନଙ୍କୁ କୁହାଯାଏ ସେମାନେ ଏକ କିଲୋ ଜାଗାରେ ବଜାରରୁ ଅଧକିଲୋ କିଣୁଛନ୍ତି । ସାଧାରଣ ନିର୍ବାଚନ ତ ସରିଲା, ଖାଉଟି ମାନଙ୍କ ମୁଣ୍ଡ ଉପରେ ସତେ ଯେପରି ବଜାରର ଦର ଚଡ଼କ ପକାଇ ଦେଇଛି । ଏମିତିରେ ଡାଲି, ଚାଉଳ, ଆଳୁ, ପିଆଜ, ଅଦା, ରସୁଣ ସବୁ ଅମୂଲ ମୂଲ୍ୟ । ଏସବୁ ଭିତରେ ଖାଉଟିଟି ନିରୀହ ପ୍ରଶ୍ନଟି ପଚାରୁଛି ଯେ ବଜାର ଉପରେ କ'ଣ ସରକାରଙ୍କ ନିୟନ୍ତ୍ରଣ ନାହିଁ । ପାଇକାରି ତଥା ଖୁଚୁରା ବେପାରିମାନେ ବହୁ ପ୍ରକାର ସମସ୍ୟାକୁ ସାମ୍ନା କରୁଛନ୍ତି ବୋଲି ମତ ରଖୁଛନ୍ତି । ପାଠ କହୁଛି ବଜାରର ଆବଶ୍ୟକତା ଦେଖି ଯୋଗାଣ ହୋଇଥାଏ । ଚାହିଦା ଓ ଯୋଗାଣ ଶୃଙ୍ଖଳା ଉପରେ କର୍ତୃପକ୍ଷ ନଜର ଦେବା କଥା । ଥରେ ତାହା ବିଗିଡ଼ି ଗଲେ ବଜାର ସ୍ଥିତି ଉପରେ ଆଉ କାହାର ଲଗାମ ରହିବ ନାହିଁ । ଯାହାର କୁ ପରିଣତି ହେଉଛି ବେଲଗାମ ଦର ବୃଦ୍ଧି ।

ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ । ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ । ଜଳବାୟୁ ପରିବର୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି । ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କୃଷି ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଓ ଚଷା ପୁଅର ଉନ୍ନତିକଳ୍ପେ ଅନେକ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରୁଛନ୍ତି । ଯାହାରଫଳ ସ୍ୱରୂପ ଯୁବ ବର୍ଗ ଆଜିକାଲି ଚାଷବାସ ପ୍ରତି ଆଗ୍ରହ ରଖିଲେଣି । ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା । ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା । ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ । ବରଂ ରାଜ୍ୟରେ ବର୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି । ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି ।

କୃଷି ବିଭାଗର ସୂଚନା ଅନୁସାରେ ରାଜ୍ୟରେ ୫୦ରୁ ଅଧିକ ପ୍ରକାର ଚାଷ ହେଉଛି । କୌତୁହଳ କଥା ହେଉଛି, ଅଣଧାନ ଚାଷ ପାଇଁ ବ୍ୟାପକ ପ୍ରୋତ୍ସାହନ ଦେଉଛନ୍ତି ସରକାର । ମାତ୍ର ସବୁ ଫସଲ ମିଶାଇ ଯେତେ ଚାଷ ହେଉଛି କେବଳ ଧାନ ସେତିକି ହେଉଛି । ୨୦୧୩ରୁ ୨୦୨୨ ମସିହା ମଧ୍ୟରେ ଧାନ ଉତ୍ପାଦନ ୫୬.୬୩% ବୃଦ୍ଧି ପାଇଛି । ତୈଳବୀଜ ୬୯୮ ହଜାର ମେଟ୍ରିକ ଟନରୁ ୫୧୩ ହଜାର ମେଟ୍ରିକ ଟନକୁ ହ୍ରାସ ପାଇଛି । ପରିବା ଉତ୍ପାଦନ ନାମକୁ ମାତ୍ର ଅର୍ଥାତ୍ ୪.୩% ବଢ଼ିଛି । ଡାଲି ମାତ୍ର ୩୪.୬୫% ବଢ଼ିଛି । ରାଜ୍ୟରେ ୪ଟି ଯୋଜନା ଅଧୀନରେ ଖରିଫରେ ୭ଲକ୍ଷ ହେକ୍ଟର ଏବଂ ରବିରେ ୧୩ ଲକ୍ଷ ହେକ୍ଟର ଡାଲି ଚାଷ ହୋଇ ସମୁଦାୟ ୧୦ଲକ୍ଷ ୭୪ ହଜାର ୨୪୦ ମେଟ୍ରିକ ଟନର ଡାଲି ଉତ୍ପାଦିତ ହେଉଛି । ହେଲେ ପ୍ରୋସେସିଂ ୟୁନିଟ ଅଭାବରୁ ଉତ୍ପାଦିତ ୧ଲକ୍ଷ ୮୦ ହଜାର ମେଟ୍ରିକ ଟନର ଡାଲି ହିଁ ରାଜ୍ୟ ବଜାରକୁ ଆସୁଛି । ଧାନ ଭଳି ଡାଲି ବିକ୍ରୟ ନେଇ ମଣ୍ଡି ବ୍ୟବସ୍ଥା ନାହିଁ । ଏଣୁ ଚାଷୀ ଏଥିପ୍ରତି ଆଗ୍ରହ ଦେଖାଉନାହାଁନ୍ତି । ଏମଏସପିର ଆଇନଗତ ମାନ୍ୟତା ନେଇ ଚାଷୀ ସଙ୍ଗଠନର ଆନ୍ଦୋଳନ ଚାଲିଥିବା ପରିପ୍ରେକ୍ଷୀରେ ବର୍ତମାନ ସରକାର ଦୁଇ ପ୍ରକାର ଡାଲିଜାତୀୟ ଫସଲ ଏମଏସପିରେ କ୍ରୟ ପାଇଁ ପ୍ରସ୍ତାବ ଦେଇଛନ୍ତି । କେନ୍ଦ୍ର ଏହାକୁ କାର୍ଯ୍ୟକାରୀ କଲେ ଡାଲି ଚାଷୀ ଉପକୃତ ହେବା ସହିତ ଚାଷ ବଢ଼ିବା ଆଶା ରହିଛି । ଏହି ପ୍ରସ୍ତାବରେ ୫ ବର୍ଷ ପାଇଁ ସରକାର ମକା ଏବଂ କପା ମଧ୍ୟ ଏମଏସପିରେ କ୍ରୟ ପାଇଁ କହିଥିଲେ । ଓଡ଼ିଶାରେ ବର୍ତମାନ ୮ଲକ୍ଷ ୬୦ ହଜାର ମେଟ୍ରିକ ଟନର ମକା ଉତ୍ପାଦିତ ହେଉଛି । ଏହାର ସ୍ୱତନ୍ତ୍ର ବଜାର ଚାହିଦା ରହିଛି । ହେଲେ ୧୦ ବର୍ଷ ମଧ୍ୟରେ ଉତ୍ପାଦନ ପରିମାଣ ମାତ୍ର ୧୦.୧୯% ବଢ଼ିଛି । ଏହି ଚାଷ ମୁଖ୍ୟତଃ ନବରଙ୍ଗପୁରର ଉମରକୋଟରେ ସୀମିତ ରହିଛି । ଅନ୍ୟପକ୍ଷରେ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ନିବେଶ ରହିଥିବାରୁ କପା ଉତ୍ପାଦନ ୧୦ ବର୍ଷ ମଧ୍ୟରେ ୧୩୫% ବଢ଼ିଛି । ଅଣଧାନ ଚାଷ ମଧ୍ୟରୁ ମିଲେଟ ମିସନ ଅନ୍ତର୍ଗତରେ ମାଣ୍ଡିଆ ଚାଷ ଏବଂ ଉତ୍ପାଦନ ୫୭.୮୭% ବଢ଼ିଛି । ଧାନ ଖର୍ଚ୍ଚବହୁଳ ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ଏହା ଶୀଘ୍ର ପ୍ରଭାବିତ ହୁଏ । ଏହା ଛଡ଼ା ଚାଉଳରେ ରାଜ୍ୟ ବଳକା ହୋଇ ସାରିଛି । ତେଣୁ ଅଣଧାନ ଚାଷ ପାଇଁ ଗୁରୁତ୍ୱ ଦିଆଯିବା ନିହାତି ଆବଶ୍ୟକ । ହେଲେ ସରକାରଙ୍କ ଯୋଜନା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଯୋଜନା ଯୋଜନ ଦୂରତା କାରଣରୁ ଲକ୍ଷ୍ୟ ହାସଲ ହୋଇପାରୁନଥିବା ବିଶେଷଜ୍ଞଙ୍କ ମତ ରଖୁଛନ୍ତି ।

ପୂର୍ବତନ ଦିବଂଗତ ପ୍ରଧାନମନ୍ତ୍ରୀ ଲୋକପ୍ରିୟ କଥାଟି କହିଥିଲେ 'ଜୟ ଜବାନ, ଜୟ କିଶାନ' । ହେଲେ ଆଜି କିଶାନ ଅର୍ଥାତ୍ ଚାଷୀପୁଅଟି କ୍ଷେତରେ କାନ୍ଦୁଛି । ପ୍ରୋତ୍ସାହନ ନାହିଁ, ବ୍ୟାଙ୍କମାନେ ଋଣ ଦେବାକୁ ମୁହଁ ମୋଡୁଛନ୍ତି । ଏପଟେ ଚାଷ କ୍ଷେତକୁ ଠିକ ଭାବେ ପାଣି ପହଂଚୁନି । ବନ୍ୟା, ମରୁଡ଼ି ତ ଚାଷୀର ସବୁ ଦିନିଆ ବନ୍ଧୁ । କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି ଆଉ ରାଜ୍ୟରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି । ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ ତାହା ବଡ଼କଥା । ଟଙ୍କିକିଆ ଚାଉଳ, ପ୍ରଚାର ସର୍ବସ୍ୱ ଭୋଟକିଣା ରାଜନୀତି, ଯାହାକି ବିଗତ ସରକାର କରିଯାଇଛନ୍ତି ତାହା ବର୍ତମାନର ଚଷାପୁଅ ପାଇଁ ଏକ ଚଡ଼କ ପକାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ଓ କଳା ବଜାରୀ ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି । ବଜାରରେ ତୈଳଜନିତ ମୂଲ୍ୟର ଦାମ ବଢ଼ିଲେ ପରୋକ୍ଷ ଭାବେ ଚାଷୀଟି କ୍ଷତିଗ୍ରସ୍ତ ହୋଇଥାଏ । ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି ତାହା ବାସ୍ତବରେ ଚଷାପୁଅ ପାଇଁ ଉପକାରୀ ସାବ୍ୟସ୍ତ ହେଉଛି । ଅନେକ କ୍ଷେତ୍ରରେ ଦେଖାଯାଏ ବଡ଼ ବ୍ୟବସାୟୀ ଓ ମୁନାଫାଖୋର ମାନଙ୍କ ବିଷଚକ୍ର ଭିତରେ ନିରୀହ ଚାଷୀଟି ବଳି ପଡ଼ିଯାଏ । ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ସରକାର ଯେଉଁ ପ୍ରଚଳନ କରିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ । ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ସରକାରଙ୍କ ସର୍ବାଦୌ ଓ ପ୍ରାଥମିକ ମୂଳ କର୍ତବ୍ୟ । ଏହି ମୂଳମନ୍ତ୍ରକୁ ବିଚାରକରି ଖାଉଟିଙ୍କ କଲ୍ୟାଣ ପାଇଁ ଠୋସ ଓ ବାସ୍ତବିକ ପଦକ୍ଷେପ ନେଲେ ତାହା ସର୍ବଜନ ହିତାୟ ହେବନାହିଁ ବରଂ ଖାଉଟିଟି ସର୍ବନିମ୍ନ ଭାବେ ଗଣ୍ଡାଏ ଖାଇବା ପାଇଁ ସମର୍ଥ ହୋଇପାରିବ ।

ଥାଇଲୋ, ଅଲିକା, ବାଲିକୁଦା,
ଜଗତସିଂହପୁର-୭୫୪୧୦୮,
ଦୂରଭାଷ : ୭୦୦୮୪୩୮୯୫୯

# ଷୋହଳ ବର୍ଷରେ ଭୋଟ ଅଧିକାର !

**ସୁବାସ ଷଡଙ୍ଗୀ**

ସଂସ୍କୃତରେ ଏକ ଶ୍ଳୋକ ରହିଛି ଯାହାର ଅର୍ଥ ହେଲା, ପିଲାକୁ ଷୋହଳ ବର୍ଷ ହେଲେ ତା ସହିତ ମିତ୍ର ଭଳି ବ୍ୟବହାର କରିବ । ଶାସ୍ତ୍ରରେ ଏକଥା କୁହାଯାଇଥିବାରୁ, ଆମେ ଏହାକୁ ଅନେକ ପରିମାଣରେ ଗ୍ରହଣ ମଧ୍ୟ କରିଛୁ । ହଜାର ହଜାର ବର୍ଷ ତଳେ ଆମ ଶାସ୍ତ୍ର ପ୍ରଣେତାମାନେ ମନେ କରିଥିଲେ, ନାବାଳକର ବୟସ ଷୋହଳ ବର୍ଷରେ ଶେଷ ହୋଇଯାଏ । ଏଇ ବୟସରୁ ସନ୍ତାନ ସଂସାରିକ ଓ ବୈଷୟିକ ବିଷୟରେ ସ୍ୱାଧୀନ ଭାବରେ ନିଜର ମତାମତ ଦେବାକୁ ସକ୍ଷମ । କିନ୍ତୁ ସେ ସମୟରେ ଏଭଳି ଯୁକ୍ତି ପଛରେ କୌଣସି ଯୁକ୍ତି ବା ସମୀକ୍ଷା ନଥିଲା । ଆଧୁନିକ ଯୁଗରେ ବିଭିନ୍ନ ପରୀକ୍ଷା ନୀରିକ୍ଷା ପରେ ଅଠର ବର୍ଷକୁ ସାବାଳକର ବୟସ ଭାବରେ ଗ୍ରହଣ କରାଗଲା । ଏମାନଙ୍କୁ କିଛି ଅଧିକାର ମଧ୍ୟ ଦିଆଗଲା । ଭୋଟ ଅଧିକାର ଏଥିମଧ୍ୟରୁ ଗୋଟିଏ ।

କିନ୍ତୁ ପ୍ରଶ୍ନ ଉଠେ କଣ ପାଇଁ ଅଠର ବର୍ଷକୁ ସାବାଳକର ମାପକାଠି ଭାବରେ ଗ୍ରହଣ କରାଯିବ । ତାଠାରୁ କମ ବୟସରେ କଣ ପାଇଁ ପିଲା ସାବାଳକ ହୋଇପାରିବ ନାହିଁ ? ନାବାଳକର ସଂଜ୍ଞାନେଇ ବିଭିନ୍ନ ଲୋକଙ୍କ ବିଭିନ୍ନ ମତ ରହିଛି । ବିଶେଷ କରି ଅପରାଡଧ କ୍ଷେତ୍ରରେ । ଦିଲ୍ଲିର ନିର୍ଭୟା ଘଟଣା ସମଗ୍ର ଦେଶକୁ ବିଚଳିତ କରିଦେଇଥିଲା । ସେଇ ଅପରାଧର ଆସାମୀ ମାନଙ୍କ ମଧ୍ୟରୁ ଜଣକର ବୟସ ଅଠର ବର୍ଷରୁ କିଛି କମ ଥିଲା । ଏଣୁ ତାକୁ ନାବାଳକ ଭାବରେ ଗ୍ରହଣ କରାଯାଇ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇ ଦିଆଯାଇଥିଲା । ବିଚାର ଚାଲିଥିଲାବେଳେ ସେ ପ୍ରାୟ ଆଠମାସ ଧରି ଜେଲରେ ଥିଲା । ଦଣ୍ଡ ବିଧାନ ହୋଇଥିବା ସମୟତକ ସେ ଜେଲରେ କାଟି ପଦାକୁ ବାହାରି ଆସିଥିଲା । ଏତେ ବଡ ଏକ ଅପରାଧରେ ସଂପୃକ୍ତ ହୋଇଥିଲେ ମଧ୍ୟ କମ ସମୟ ମଧ୍ୟରେ ଦଣ୍ଡମୁକ୍ତ ହେବାକୁ ସକ୍ଷମ ହେଲା ।

ଆମ ଓଡିଶାର ଭୁବନେଶ୍ୱର ନିକଟବର୍ତୀ ଡୁମୁଡୁମାରେ ମଧ୍ୟ ଜଣେ ନାବାଳକ ଜଣେ ଯୁବକକୁ ହତ୍ୟା କରିଥିଲା । ଏମିତି ଅନେକ ଗୁରୁତର ଅପରାଧରେ ଆଜିକାଲି ନାବାଳକମାନେ ସଂପୃକ୍ତ ହେଉଛନ୍ତି ।

ନାବାଳକର ସଂଜ୍ଞା ନୂତନ ଭାବରେ ନିର୍ଦ୍ଧାରଣ ହେବା ଉଚିତ କି ନୁହେଁ, ସେ ବିଷୟରେ କିଛିଟା ମତପାର୍ଥକ୍ୟ ରହିଛି । ଅନେକଙ୍କର ଯୁକ୍ତି ହେଉଛି ନାବାଳକର ବୟସସୀମା ଅଠରବର୍ଷରୁ କମ ହେବା ଦରକାର । ବିଚାରପତି ଜେ.ଏସ ବର୍ମା କମିଟି ନାରୀ ନିର୍ଯାତନା ନିରୋଧ ଆଇନରେ କିଛିଟା ପରିବର୍ତନ ପାଇଁ ଯେଉଁ ସୁପାରିସ କରିଥିଲେ, ସେଥିରେ ନାବଳକର ବୟସସୀମା ଅଠରବର୍ଷରୁ କମ କରିବାକୁ ସୁପାରିସ କରି ନାହାନ୍ତି । ଏଣୁ ଅନେକ ପେଶାଦାର ଅପରାଧୀମାନେ ନାବଳକମାନଙ୍କୁ ନେଇ ଅପରାଦ ଘଟାଉଛନ୍ତି ଏବଂ ଆଇନର ଗଳାବାଟ ଦେଇ ସହଜରେ ଖସି ଯାଉଛନ୍ତି । ନିର୍ଭୟା ଘଟଣାର ତିନିବର୍ଷ ପରେ ୨୦୧୫ ମସିହାରେ ଜୁଭେନାଇଲ ଜଷ୍ଟିସ ଆକ୍ଟରେ ଯେଉଁ ପରିବର୍ତନ କରାଯାଇଛି, ସେଥିରେ ଅପରାଧର ଗୁରୁତ୍ୱ ଉପରେ ନିର୍ଭର କରି ଷୋହଳ ବର୍ଷର ନାବାଳକମାନଙ୍କୁ ସାବାଳକ ଭାବରେ ଗ୍ରହଣ କରାଯିବାକୁ କୁହାଯାଇଛି ।

'ନେସନାଲ କ୍ରାଇମ ରେକର୍ଡ ବ୍ୟୁରୋ'ର ତଥ୍ୟ ଅନୁଯାୟି ୨୦୨୧ ମସିହାରେ ନାବାଳକମାନଙ୍କ ବିରୋଧରେ ୩୧,୧୭୦ଟି ଅପରାଧିକ ମାମଲା ରୁଜୁ କରାଯାଇଥିଲା । ୨୦୨୦ ମସିହାରେ ଏଇ ସଂଖ୍ୟା ଥିଲା ୨୯, ୭୬୮ । ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ବୟସ ଥିଲା ଷୋହଳରୁ ଅଠର ବର୍ଷ ଭିତରେ । ଆମଦେଶରେ ଅଳ୍ପ ବୟସର ପିଲା ବିଶେ କରି ଷୋହଳରୁ ଅଠରବର୍ଷର ବର୍ଷର ପିଲାମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା ଅଧିକ ଦେଖାଦେଉଛି । ଆର୍ଥସାମଜିକ ପରିସ୍ଥିତି, ସହଜରେ ଇଂଟରନେଟ ମିଳିଯିବା, ସୋସିଆଲ ମିଡିଆର ଦୁରୁପଯୋଗ ଓ ସାମାଜିକ ମୂଲ୍ୟବୋଧର ଅବକ୍ଷୟ କାରଣରୁ ଏଭଳି ଅବସ୍ଥା ଦେଖାଦେଇଛି ।ଇଂଟନେଟର ବହୁଳ ବ୍ୟବହାର ଫଳରେ ପୁଅଝିଅମାନେ ଅକେ କଥା ଜାଣି ପାରୁଛନ୍ତି । ଯାହାକୁ ଆମେ କହୁ 'ଟିନ ଏଜ', ସେଇ ବୟସର ପିଲାମାନେ ଆଜିକାଲି ସବୁଠାରୁ ଅଧିକ ଅପରାଧ ପ୍ରବଣ ।

ଏଠାରେ ଅନେକଙ୍କ ମନରେ ପ୍ରଶ୍ନ ଉଠିପାରେ ହଠାତ କଣ ପାଇଁ ନାବାଳକର ସଂଜ୍ଞାନେଇ ବିତର୍କର ଦରକାର ହେଲା ? ନିର୍ଭୟା ଘଟଣା ଏବେ ପୁରୁଣା ହୋଇଯାଇଛି । ଗୋଟାଏ ଯୁଗ ବିତି ଯାଇଛି । ଅପରାଧୀମାନଙ୍କର ଚରିତ୍ର, ବିଶେ କରି ଝିଅମାନଙ୍କ କ୍ଷେତ୍ରରେ ପ୍ରେମ ଜନିତ ଘଟଣା ଅନେକ ଅପରାଧର ମୂଳ କାରଣ ।

ପ୍ରାୟ ଛଅ ଦଶକ ତଳେ ୧୯୬୯ ମସିହାରେ ବ୍ରିଟେନରେ ଭୋଟାଧିକାରର ବୟସ ଥିଲା ଏକୋଇଶ ବର୍ଷ । ଏହାକୁ କମ କରାଯାଇ କରାଗଲା ଅଠର ବର୍ଷ । ଭାରତରେ ୧୯୮୯ ମସିହାରେ ସମ୍ବିଦାନର ୬୧ ତମ ସଂଶୋଧନ ମାଧ୍ୟରେ ଭୋଟ ଦେବାର ଅଧିକାର ଅଠରକୁ କମାଇ ଦିଆଗଲା । ସେବେଠାରୁ ଅଠର ବର୍ଷକୁ ସାବାଳକ ବୟସ ଭାବରେ ଗ୍ରହଣ କରାଯାଇ ଆସୁଛି । ଏବେ ବ୍ରିଟେନ ଘୋଷଣା କରିଛି ବ୍ରିଟେନରେ ଭୋଟଦେବାର ବୟସ ଷେହଳକୁ କମାଇ ଦିଆଯିବ । ଜଣେ ଷୋହଳ ବର୍ଷର ପିଲା ଭୋଟ ଦେବାର ଅଧିକାର ପାଇବ । ଏ ସମ୍ପର୍କରେ ବ୍ରିଟେନର ପ୍ରଧାନମନ୍ତ୍ରୀ କେୟାର ଷ୍ଟାଭମାରଙ୍କ ଯୁକ୍ତି ହେଉଛି, ଷୋହଳ ବର୍ଷର ପିଲାମାନଙ୍କୁ ଚାକିରି ଦିଆଯାଉଥିବାରୁ, ସେମାନେ ଟିକସ ଦେଉଛନ୍ତି ।ସେମାନଙ୍କ ଟିକସ କିଭଳି ଭାବରେ ଖର୍ଚ୍ଚ ହେବ, ସେ ବିଷୟରେ ମତ ଦେବାର ଅଧିକାର ସେମାନଙ୍କର ରହିବା ଦରକାର । କେବଳ ଭୋଟ ମାଧ୍ୟମରେ ସେମାନେ ନିଜର ମତ ଦେଇ ପାରିବେ ।ଏହା ପୂର୍ବରୁ ଅଷ୍ଟ୍ରିୟା ଓ ବ୍ରାଜିଲରେ ମଧ୍ୟ ଷୋହଳ ବର୍ଷରେ ଭୋଟ ଅଧିକାର ଦିଆଯାଇଛି । ଏଣୁ ଭବିଷ୍ୟରେ ଭାରତ ନିଶ୍ଚୟ ସେଇ ପଦାଙ୍କ ଅନୁସରଣ କରିବ ।

ଯେଉଁ ପୁଅ ବା ଝିଅ ଗଣତାନ୍ତ୍ରିକ ଅଧିକାର ପାଇବେ, ସେମାନଙ୍କୁ କଣ ନାବାଳକ କୁହାଯିବ ? ସମୟ ସହିତ ତାଳ ଦେଇ ଦେଶ ଆଗଉଛି । ଆଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ଆମେ ବହୁ ଆଗେଇଲୁଣି । ସବୁକ୍ଷେତ୍ରରେ ବୈଷୟିକ ଜ୍ଞାନର ଉପଯୋଗ ହେଉଛି । ପିଲାଟିଏ ପ୍ରଥମ ଶ୍ରେଣୀରୁ କଂପ୍ୟୁଟର ଚଳାଇବା ଶିଖୁଛି । ଏଣୁ ସାବାଳକ ହେବା ପାଇଁ ଷୋହଳ ବର୍ଷ ଅନେକ ଅଧିକ ବୋଲି ମନେ କରାଯାଇପାରେ । ପାଶ୍ଚାତ୍ର ଦେଶକୁ ଅନୁକରଣ କରି ଆମେ ଭୋଟ ଦେବାର ବୟସ ଷୋହଳକୁ ଯେ ନକମାଇବା, ସେ କଥା କିଏ କହିପାରିବ ?

*ମୋ ୯୪୩୯୬୫୨୩୨୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
Bhubaneswar Friday August 01 ଭୁବନେଶ୍ୱର ଶୁକ୍ରବାର, ୦୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଗୋଲାମୁଣ୍ଡା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ୟୁଏଏସ ବାତିଲ ଦାବିରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



ଗୋଲାମୁଣ୍ଡା (ପି ଏନ):-ଦେଶର ଭବିଷ୍ୟତ ଗଢୁଥିବା ବିନ୍ଧାଣି ହେଉଛନ୍ତି ଶିକ୍ଷକ।ମଣିଷ ଗଢୁଥିବା କାରଖାନାରେ ମସଗୁଲ ରେ ଶିକ୍ଷଣ କାର୍ଯ୍ୟ ତୁଳାଇଥାଏ। ନିଜ ଅଧିକାର କ୍ଷୁର୍ଣ୍ଣ ହେଲା ଭଳି ପରିସ୍ଥିତିରେ ସରକାରଙ୍କୁ ଗୁହାରି କରେ, ପରିଶେଷରେ ନିଜକୁ ଆନ୍ଦୋଳନରେ ସାମିଲ୍ କରେ। ଏଭଳି ଏକ ପରିସ୍ଥିତି ଗୋଲାମୁଣ୍ଡା ବ୍ଲକ ରେ ଦେଖିବାକୁ ମିଳିଛି। ସମସ୍ତେ ଅନଲାଇନ୍ ରେ ଶିକ୍ଷକ, ଛାତ୍ର ଛାତ୍ରୀଙ୍କ ଉପସ୍ଥାପନା ଓ ତଥ୍ୟ ଠିକ୍ ସମୟରେ ପ୍ରଦାନ କରିବା ପାଇଁ ସରକାର ୟୁଏଏସ ଲାଗୁ କରିବାକୁ ଯାଉଛନ୍ତି।ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ନଥାଇ ୟୁ.ଏ.ଏସ୍ ଲାଗୁ କରିବା ବିଭାଗୀୟ ଦୂରଦୃଷ୍ଟିର ଅଭାବ ବୋଲି କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଥିବା ବେଳେ ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ଶିକ୍ଷକ ସଙ୍ଘ ପକ୍ଷରୁ ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ପ୍ରକାର ଭିତ୍ତି ଭୂମି, ପ୍ରଧାନ ଶିକ୍ଷକ,ଅନ୍ୟାନ୍ୟ ଶିକ୍ଷକ ପଦବୀ ପୂରଣ ନ ହେବା ଯାଏଁ ୟୁ ଏ ଏସ ବ୍ୟବସ୍ଥା ସ୍ଥଗିତ ରଖାଯାଉ, ପ୍ରାଥମିକ ଶିକ୍ଷକ ମାନଙ୍କୁ ବିନା ଓ ଟି ଇ ଟି ପରୀକ୍ଷାରେ ପଦୋନ୍ନତି ପ୍ରଦାନ, ପ୍ରାଥମିକ ଶିକ୍ଷକ ମାନଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ,ପ୍ରାଥମିକ ବିଦ୍ୟାଳୟ ରେ ନିୟୋଜିତ ଠିକା ଶିକ୍ଷକ ଙ୍କୁ ନିୟମିତ କରିବା ଭଳି ବିଭିନ୍ନ ଦାବୀ ରହିଛି।ଦାବିପତ୍ର ପ୍ରଦାନ ସମୟରେ ସଭାପତି ଭାବରେ ରମେଶ କୁମାର ସାହୁ, ସଂପାଦକ ସୁନୀଲ ଖାନସମା, କୋଷାଧକ୍ଷ ପୂର୍ଣ୍ଣ ପୁଝାରୀ, କନିଷ୍ଠ ଶିକ୍ଷକ ସଙ୍ଘ ସଭାପତି ଲଲାଟେନ୍ଦୁ ରାଉତ, ଶିକ୍ଷକ ଶିବ ସୁନାନୀ, ଗମ୍ଭିରୀ ନାଏକ, ତରଙ୍ଗ ଚଣ୍ଡି, ମୋହନ ବିଶି ସମେତ ଅନେକ ଶିକ୍ଷକ ଉପସ୍ଥିତ ଥିଲେ।

# ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଦ୍ୱାରା ଜିଲ୍ଲାର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ



ଜଗତସିଂହପୁର, (ପି ଏନ): ଆଜି ଅପରାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ର ସମୀକ୍ଷା କରିଥିଲେ। 'କୌଣସି କାର୍ଯ୍ୟକ୍ରମ ର ସଫଳ ରୂପାୟନ ନିମନ୍ତେ ସଠିକ୍ ଯୋଜନା, ନୂତନ ତଥା ଉନ୍ନତ ଚିନ୍ତାଧାରା ର ବିଶ୍ଲେଷଣ ଏବଂ ସର୍ବୋପରି ପ୍ରତ୍ୟେକ ସ୍ତର ର କାର୍ଯ୍ୟକର୍ତ୍ତା ଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ନିତାନ୍ତ ଆବଶ୍ୟକ', ଏପରି ଏକ ସକାରାତ୍ମକ ଅଭିବ୍ୟକ୍ତି ସହ ଶ୍ରୀମତୀ ପାଢ଼ୀ ଜିଲ୍ଲା ର ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସମ୍ବୋଧନ କରି ଆଜିର ସମୀକ୍ଷା ବୈଠକ ଆରମ୍ଭ କରିଥିଲେ। ଗତ କାଲିଠାରୁ ଜିଲ୍ଲା ଗସ୍ତ ରେ ଆସି ବିଭିନ୍ନ ପଞ୍ଚାୟତ, ପୌରାଞ୍ଚଳ ତଥା ଅନୁଷ୍ଠାନ ପରିଦର୍ଶନ କରି ହିତାଧୀକାରୀ ଏବଂ ଅଧିବାସୀ ମାନଙ୍କ ଠାରୁ ଶୁଣିଥିବା ସମସ୍ୟା କୁ ଗୋଟି ଗୋଟି କରି ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ପଚ୍ଚାରି ବୁଝିଥିଲେ। ପ୍ରଥମେ ଏଲ ଡି ଏମ, ବ୍ୟାଙ୍କ କୁ ମହିଳା ଏଣ୍ଟରପ୍ରିନିଉଅର୍ ମାନଙ୍କୁ ସୁବିଧା ରେ ଋଣ ଯୋଗାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ଏସ ଏଚ୍ ଜି ଗ୍ରୁପ ବ୍ୟତୀତ ବ୍ୟକ୍ତିଗତ ଭାବେ ଯେଉଁମାନେ ଖୁବ୍ ଭଲ କାମ କରୁଛନ୍ତି, ସେପରି ମହିଳା ମାନଙ୍କୁ ନିଜସ୍ୱ ଅନୁଷ୍ଠାନ ଗଢ଼ିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମ ରେ ଲୋନ, ସବସିଡି ଆଦି ଯୋଗାଇ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହିପରି ମହିଳା ମାନଙ୍କୁ ଚିହ୍ନଟ କରି ଗୋପାଳନ, ମତ୍ସ୍ୟଚାଷ, ପରିବା ଚାଷ ଆଦି ଲାଭଜନକ ବ୍ୟବସାୟ ପ୍ରତିଷ୍ଠାନ ନିମନ୍ତେ ସହାୟତା ଯୋଗାଇବ ପାଇଁ ଡି ପି ସି ମିଶନ ଶକ୍ତି, ଡି ପି ଏମ ଓ ଏଲ୍ ଏମ କୁ ଉପଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟ ଜଳ ଯୋଗାଣ ସମସ୍ୟା ଓ ନିରାକରଣ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି ବିଭାଗ, ସାମାଜିକ ସୁରକ୍ଷା, ଏସ ସି,ଏସ ଟି ଉନ୍ନତିକରଣ ଉପରେ ବିଷଦ ଆଲୋଚନା ହୋଇଥିଲା। ଜିଲ୍ଲା ରେ ଉପଲବ୍ଧ ସରକାରୀ ଜମି ର ସଦୁପଯୋଗ କରି ମଲ୍ଟି ଷ୍ଟରେଡ ବିଲ୍ଡିଂ ତିଆରି ସହ ରାଜସ୍ୱ ଆଦାୟ ତଥା ରୋଜଗାର ସୃଷ୍ଟି ପାଇଁ ଅଭିନବ ଉପାୟ ଅବଲମ୍ବନ କରିବା କୁ ଉପଦେଶ ଦେଇଥିଲେ। ଶିକ୍ଷା କ୍ଷେତ୍ର ରେ ଜଗତସିଂହପୁର ଜିଲ୍ଲା ର ଉତ୍ତମ ପ୍ରଦର୍ଶନ କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଉନ୍ନତି କରିବା ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୌର ଅଞ୍ଚଳର ଆବଶ୍ୟକତା କୁ ବୁଝି ଉପଯୁକ୍ତ ପଦକ୍ଷେପ ନେବା ସହ ସମସ୍ୟା ର ସମାଧାନ କରିବା ପାଇଁ ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀ ଙ୍କୁ ଉପଦେଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜିଲ୍ଲା ର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀମତୀ ପାଢ଼ୀ ଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟ ର ରୂପରେଖ କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ ସହ ସରକାର ଙ୍କ ଯୋଜନା କୁ ଲୋକ ମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରମୁଖ ସଚିବ ଜିଲ୍ଲାପାଳ ଙ୍କୁ ପରମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା,ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠି ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

ଆଜି ପୂର୍ବାହ୍ନ ରେ ଶ୍ରୀମତୀ ଉଷା ପାଢ଼ୀ ପାରାଦ୍ୱୀପ ପୌରାଞ୍ଚଳ ବୁଲି ଲୋକ ମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ମାଧ୍ୟମ ରେ ସୁବିଧା ଅସୁବିଧା ପଚ୍ଚାରି ବୁଝିଥିଲେ। ଭୂତମୁଣ୍ଡାଇ ଟ୍ରକ ଟର୍ମିନାଲ ବୁଲି ଏହାର ଉନ୍ନୟନ ବିଷୟରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକ ପରେ ଯୋଗଧାରି ଠାରେ ନୂତନ ଭାବେ ହେଉଥିବା ବସ ଷ୍ଟାଣ୍ଡ ବୁଲି ଦେଖିଥିଲେ।

# ସମ୍ବଲପୁର ୱାର୍ଡ ନମ୍ବର ୩୧ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସମସ୍ୟା ବିଷୟରେ ପଡ଼ାବାସୀଙ୍କୁ ଭେଟିଲେ ଇଂ ରୋହିତ ପୂଜାରୀ



ସମ୍ବଲପୁର ,(ପି.ଏନ): ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୩୧ କୁମ୍ଭାରପଡା, କାଳିବାଡି ଅଞ୍ଚଳରେ ପାନୀୟ ଜଳର ସମସ୍ୟା ଥିବା ବିଷୟରେ ଉକ୍ତ ପଡ଼ାକୁ ଯାଇ ପଡାରେ ଥିବା ପଡ଼ାବାସୀଙ୍କୁ ଭେଟିଥିଲେ ଏବଂ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପଡ଼ାରେ ତିନି ଦିନରୁ ଅଧିକ ହେବ ପାନୀୟ ଜଳ ଯୋଗାଣ ହେଉନଥିବା ଏବଂ ନାଳ ନର୍ଦ୍ଦମା ଜାମ ଥିବାରୁ ଅଳିଆ ପାଣି ଠିକ ଭାବରେ ନିଷ୍କାସିତ ହେଉନାହିଁ, ଅଳିଆ ଆବର୍ଜନା ସଂଗ୍ରହକାରି ଗାଡ଼ି ଆସୁନଥିବା ଏବଂ ମହାନଗର ନିଗମ ପକ୍ଷରୁ ସଫେଇ ହେଉନଥିବା କଥା ବିଷୟରେ ପଡ଼ାବାସୀ ଅଭିଯୋଗ କରିଥିଲେ। ତତ୍ପରେ ଇଂ ପୂଜାରୀ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ମାଧ୍ୟମରେ ସମସ୍ୟା ଗୁଡ଼ିକ ବିଷୟର ଜଣାଇ ଯଥା ଶୀଘ୍ର ପଦକ୍ଷେପ ନେବା ନେଇ କ୍ଷୋଭ ପ୍ରକାଶ କରି କହିଥିଲେ। ଏବଂ ବିଜୁ ଜନତା ଦଳର କର୍ମକର୍ତ୍ତାଙ୍କ ସହ ୱାଟକୋ କାର୍ଯ୍ୟାଳୟ କୁ ଯାଇ କୁମ୍ଭାରପଡ଼ା, ସାଖିପଡ଼ା, ଧନୁପାଲି ଏବଂ ସହରର ଯେଉଁ ଯେଉଁ ଅଞ୍ଚଳରେ ପାନୀୟ ଜଳ ଯୋଗାଣରେ ସମସ୍ୟା ରହିଛି ତୁରନ୍ତ ପଦକ୍ଷେପ ଗ୍ରହଣ କରି ସମାଧାନ କରିବା ପାଇଁ କହିଥିଲେ। ଏହା ସହ ଇଂ ପୂଜାରୀ ଅଧିକାରୀଙ୍କୁ ଚେତାବନୀ ଦେଇଥିଲେ ଯେ ଯଦି ଏହି ସବୁ ସମସ୍ୟାର ସମାଧାନ କରାନଯାଏ ତେବେ ସମ୍ବଲପୁରର ଜନସାଧାରଣଙ୍କ ସହ ମିଶି ବିଭାଗୀୟ ଅଧିକାରୀଙ୍କ ଜଳ ଏବଂ ବିଦ୍ୟୁତ୍ ଯୋଗାଣ ପ୍ରଥମେ ବିଚ୍ଛିନ୍ନ କରାଯିବ ବୋଲି କହିଥିଲେ। ଏହି ଅବସରରେ ଇଂ ପୂଜାରୀଙ୍କ ସହ ବିଜୁ ଜନତା ଦଳର ବରିଷ୍ଠ ନେତା ବେଣୁଧର ଦାସ, ସତ୍ୟେନ୍ଦ୍ର ଦାସ, ପ୍ରହଲ୍ଲାଦ ଗୁରୁ, ସଞ୍ଜୟ ବର୍ମା ଭଗତ ସିଂ, ପ୍ରବୀଣ ସୂପକାର, ଭରତ କରାଳୀ, ଗଣେଶ କରାଳୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏସଏ ମୋଟରସାଇକେଲ୍ ପକ୍ଷରୁ ସ୍କ୍ରାମ୍ବଲର ୬୫୦ ଏବଂ ବାଂଟାମ୍ ୩୫୦ରେ ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଏକ ପ୍ରସିଦ୍ଧ ବ୍ରିଟିଶ ଐତିହ୍ୟ ବ୍ରାଣ୍ଡ ବିଏସଏ ମୋଟରସାଇକେଲ୍ ପକ୍ଷରୁ ସମ୍ପୂର୍ଣ୍ଣ ନୂତନ ବିଏସଏ ସ୍କ୍ରାମ୍ବଲର ୬୫୦ ଏବଂ ବିଏସଏ ବାଂଟାମ୍ ୩୫୦ ର ଶୁଭାରମ୍ଭ କରାଯାଇଛି। ସମ୍ପୂର୍ଣ୍ଣ ନୂତନ ବିଏସଏ ସ୍କ୍ରାମ୍ବଲର ୬୫୦ ସମସାମୟିକ ଇଜିନିୟରିଂ ସହିତ କ୍ଲାସିକ୍ ବ୍ରିଟିଶ ଡିଜାଇନ୍ ମିଶ୍ରଣ କରୁଛି ଏବଂ ଡୁଆଲ୍-ପର୍ପଜ୍ ମୋଟରସାଇକେଲ୍ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏକ ଦୃଢ଼ ୬୫୨ ସିସି, ତରଳ-ଥଣ୍ଡା ସିଙ୍ଗଲ୍-ସିଲିଣ୍ଡର୍ ଡିଓଏଚସି ଇନ୍ ଦ୍ୱାରା ପରିଚାଳିତ, ସ୍କ୍ରାମ୍ବଲର ୬୫୦୦ ଆରପିଏମରେ ୪୫ପିଏସ ଏବଂ ୪୦୦୦ ଆରପିଏମ ରେ ଏକ କମାଣ୍ଡିଂ ୫୫ ଏନଏମ ଉତ୍ପନ୍ନ କରେ। ଏହାର ୫-ସ୍ପିଡ୍ ଟ୍ରାନ୍ସମିସନ, ସ୍ଲିପ୍-ଏଣ୍ଡ-ଆସିଷ୍ଟ କ୍ଲଚ୍, ୪୧ ମିମି ଟେଲିସ୍କୋପିକ୍ ଫର୍କ ଏବଂ ୫-ଷ୍ଟେପ୍ ଆଡଜଷ୍ଟେବଲ୍ ପ୍ରିଲୋଡ୍ ସହିତ ଟ୍ୱିନ୍ ସକ୍ ଅବଜର୍ବରଗୁଡ଼ିକ ଚଲାଇବା ସମୟରେ ସର୍ବୋତମ ଆରାମ ଏବଂ ନିୟନ୍ତ୍ରଣ ପ୍ରଦାନ କରେ। ସେହିଭଳି ବିଏସଏ ବାଂଟାମ୍ ୩୫୦ରେ ଏକ ୟୁରୋ ୫+ ଅନୁପାଳନକାରୀ ୩୩୪ ସିସି, ତରଳ-ଥଣ୍ଡା ଡିଓଏଚସି ଇନ ରହିଛି। ଏହା ୭୭୫୦ ଆରପିଏମରେ ୨୯ପିଏସ ଏବଂ ୬୦୦୦ ଆରପିଏମରେ ୨୯.୬୨ ଏନଏମ ପ୍ରଦାନ କରେ, ଏକ ୬-ସ୍ପିଡ୍ ଗିଅରବକ୍ସ ସହିତ ଯୋଡା ହୋଇଛି। ଡୁଆଲ୍-ଚ୍ୟାନେଲ୍ ଏବିଏସ୍, ଟେଲିସ୍କୋପିକ୍ ହାଇଡ୍ରୋଲିକ୍ ଫର୍କ, ଟ୍ୱିନ ସକ୍ ଅବଜର୍ବର ଏବଂ ଏକ ସହଜ ୮୦୦ ମିମି ସିଟ୍ ଉଚ୍ଚତା ସହିତ, ବାଂଟାମ୍ ୩୫୦ ସହଜ ଦୈନନ୍ଦିନ ଗତିଶୀଳତା ପାଇଁ ଡିଜାଇନ୍ କରାଯାଇଛି। ଏହା ଆନାଲଗ୍ କିମ୍ବା ଡିଜିଟାଲ୍ ଡ୍ୟାସବୋର୍ଡର ପସନ୍ଦ ପ୍ରଦାନ କରେ ଏବଂ ଆଭାଲନ୍ ଗ୍ରେ, ଅକ୍ସଫୋର୍ଡ ବ୍ଲୁ, ଫାୟାରକ୍ରାକର୍ ରେଡ୍, ବ୍ୟାରେଲ୍ ବ୍ଲାକ୍ ଏବଂ ଭିକ୍ଟର ୟେଲୋ ସମେତ ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ଶୁଭାରମ୍ଭ ବିଷୟରେ ମତବ୍ୟକ୍ତ କରି କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଆମେ ଆଶା କରୁଛୁ ଯେ ଚାଳକମାନେ ଏହି ବେସ୍ପୋକ୍ ବାଇକ୍ ସହିତ 'କିଛି ଭିନ୍ନ ଚେଷ୍ଟା' କରିବାକୁ ଉତ୍ସାହିତ ହେବେ। ବିଏସଏ ସ୍କ୍ରାମ୍ବଲର ୬୫୦ ରୋମାଂଚକର, ସୁଗମ ଏବଂ ସହରାଂଚଳ, ଜଙ୍ଗଲ କିମ୍ବା ପ୍ରଶସ୍ତ ଖୋଲା ରାସ୍ତାରେ ଦୈନନ୍ଦିନ ଯାତ୍ରା ପାଇଁ ଉପଯୁକ୍ତ। ସେହିଭଳି କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ନୂତନ ବିଏସଏ ବାଂଟାମ୍ ୩୫୦ ସେହି ଆଗ୍ରହକୁ ପୁନଃଜୀବିତ କରିବା ପାଇଁ ନିର୍ମିତ, ବିଶେଷକରି ପରବର୍ତୀ ପିଢ଼ିରେ। ଏକ ମୂଲ୍ୟ ସହିତ ଯାହା ସମସ୍ତଙ୍କୁ ନିଜର ଦୁଇ-ଚକିଆ କାହାଣୀ ଆରମ୍ଭ କରିବାକୁ ଆମନ୍ତ୍ରଣ କରେ, ଏହା ଏକ ମୋଟରସାଇକେଲ୍ ଅପେକ୍ଷା ଅଧିକ।'







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray